# ଯୋଗାଣ ଦର୍ପଣ

**ମାସିକ ସଂକ୍ଷିପ୍ତ ବିବରଣୀ । ଜୁଲାଇ ୨୦୨୬**




**ଖାଦ୍ୟ ସୁରକ୍ଷାରୁ ଉପଭୋକ୍ତା ଅଧିକାର, ସମୃଦ୍ଧ ଓଡ଼ିଶାର ନୂଆ ବିଚାର**

# ବିଷୟସୂଚୀ


ମନ୍ତ୍ରୀଙ୍କ ବାର୍ତ୍ତା ---------------------------------------- ପୃଷ୍ଠା ୦୨

ରବି ଧାନ କ୍ରୟ ପ୍ରକ୍ରିୟାରେ ଅଭୂତପୂର୍ବ ସଫଳତା------------ ପୃଷ୍ଠା ୦୩

‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ର ସଫଳ ରୂପାୟନ-------------- ପୃଷ୍ଠା ୦୪

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ ---------- ପୃଷ୍ଠା ୦୫

ବିଭାଗୀୟ ମନ୍ତ୍ରୀଙ୍କ ବିଭିନ୍ନ ଜିଲ୍ଲା ପରିଦର୍ଶନ ଓ ସମୀକ୍ଷା-------- ପୃଷ୍ଠା ୦୬

ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ - ପୃଷ୍ଠା ୦୭

ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା (VLTS)---------------- ପୃଷ୍ଠା ୦୮

୧୯୬୭-ହେଲ୍ପଲାଇନ ନମ୍ବର-------------------------------- ପୃଷ୍ଠା ୧୦

ଜୁଲାଇ ମାସରେ ଉଠାଣ ଚାଉଳର ପରିମାଣ------------------ ପୃଷ୍ଠା ୧୧

ଖାଉଟିଙ୍କ କଲ୍ୟାଣ ପାଇଁ ସଦା ସମର୍ପିତ --------- ------------- ପୃଷ୍ଠା ୧୩

ଷ୍ଟାଫ କର୍ଣ୍ଣର--------------------------------------------- ପୃଷ୍ଠା ୧୪

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର**
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ବୈଷୟିକ



# ବାର୍ତ୍ତା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୪୭ ବର୍ଷରେ ପଦାର୍ପଣ କରିଛି । ୪୭ ବର୍ଷର ଏହି ଲମ୍ବା ଯାତ୍ରାରେ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ସେବା କରିବାର ସଂକଳ୍ପ ସେଭଳି ଅତୁଟ ରହିଛି। ନିଗମ ଚାଷୀ ସହ ଖାଉଟିଙ୍କ ଅଧିକାରର ସୁରକ୍ଷା ପର୍ଯ୍ୟନ୍ତ, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଜୀବନ ସହ ଯୋଡ଼ି ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛି।

ଚାଷୀଙ୍କ ପାଖରୁ ଧାନ କ୍ରୟ କରିବା ହେଉ କି ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିବା ହେଉ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଏହାର ସେବା ଦେଇଆସିଛି । ତେବେ ଏହି ଅବସରରେ ପ୍ରକାଶ ପାଇଥିବା ବିଶେଷ ପତ୍ରିକା 'ଯୋଗାଣ ଦର୍ପଣ' ମାଧ୍ୟମରେ ଜନସାଧାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର କାର୍ଯ୍ୟଧାରା ବାବଦରେ ବିସ୍ତୃତ ଭାବେ ଜାଣିବାକୁ ପାଇବେ । ଏହି ପତ୍ରିକା ମାଧ୍ୟମରେ ନିଗମ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନିଆଯାଉଥିବା ଅନେକ ପଦକ୍ଷେପ ବ୍ୟାପକ ସଚେତନତା ସୃଷ୍ଟି କରିବ ବୋଲି ମୋର ଆଶା ଓ ବିଶ୍ୱାସ । ପତ୍ରିକାର ସର୍ବାଙ୍ଗୀନ ସଫଳତା କାମନା କରିବା ସହ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି ।

**(କୃଷ୍ଣ ଚନ୍ଦ୍ର ପାତ୍ର)**
ମନ୍ତ୍ରୀ,
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡିଶା

# ରବି ଧାନ କ୍ରୟ ପ୍ରକ୍ରିୟାରେ ଅଭୂତପୂର୍ବ ସଫଳତା





ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ (FS&CW) ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ (OSCSC) ଦ୍ୱାରା ରାଜ୍ୟରେ ଚାଷୀମାନଙ୍କଠାରୁ ସ୍ୱଚ୍ଛ ପ୍ରକ୍ରିୟାରେ ଧାନ କିଣାଯାଏ । ଏହି କ୍ରମରେ ଚଳିତବର୍ଷ ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ୧୦ରୁ ୨୫ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଜାରି ରହିଥିଲା । ଚାଷୀମାନଙ୍କ ପାଖରୁ ଧାନ ସଂଗ୍ରହ ମେ ୧ ତାରିଖରୁ ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ଚାଲିଥିଲା ।

ରବି ଧାନ କ୍ରୟ ପ୍ରକ୍ରିୟାରେ ସମୁଦାୟ ୩ ଲକ୍ଷ ୬୩ ହଜାର ୫୫୩ ଜଣ ଚାଷୀ ଧାନ ବିକ୍ରୟ କରିଥିଲେ । ୩ ଲକ୍ଷ ୬୩ ହଜାର ୫୫୩ ଜଣ ଚାଷୀଙ୍କ ପାଖରୁ ସମୁଦାୟ ୨୦ ଲକ୍ଷ ୪୬ ହଜାର ୧୮୫ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିଲା ।



ଏହି ଧାନ ବିକ୍ରୟ ବାବଦରେ ଚାଷୀଙ୍କ ଆକାଉଣ୍ଟକୁ ଏମଏସପି ବାବଦକୁ ୪୮୪୭ କୋଟି ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦରେ ୧୪୯୫ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।




ରବି କେଏମଏସ ୨୦୨୫-୨୬ରେ, ୨,୯୯,୨୦୦ ସନ୍ଦିଗ୍ଧ ପ୍ଲଟ୍ ଯାଞ୍ଚ କରାଯାଇଥିଲା, ଯେଉଁଥିରୁ ୧,୭୧,୭୩୬କୁ ଅଣ-ଧାନ ପ୍ଲଟ୍ ଭାବରେ ଚିହ୍ନଟ କରାଯାଇଥିଲା, ଯାହା ଫଳରେ ଯଥେଷ୍ଟ ସଞ୍ଚୟ ହୋଇଥିଲା ଏବଂ ପ୍ରକୃତ ଚାଷୀମାନଙ୍କ ପାଇଁ କ୍ରୟ ନିଶ୍ଚିତ ହୋଇପାରିଥିଲା ବୋଲି ନିଶ୍ଚିତ କରାଯାଇଥିଲା ।




## ରବି କେଏମଏସ ୨୦୨୫-୨୬

ରବି କେଏମଏସ ୨୦୨୫-୨୬ରେ, ପି-ପିଏଏସ (PPAS) ରେ ମୋଟ ୧୪,୯୮,୭୩୬ ପ୍ଲଟ୍ ପଞ୍ଜିକୃତ ହୋଇଥିଲା, ଯେଉଁଥିରୁ ୯,୪୧,୭୦୪ ପ୍ଲଟ୍ ଡିଜିଟାଲ୍ କ୍ରପ ସର୍ଭେ ମାଧ୍ୟମରେ ସର୍ଭେ କରାଯାଇଥିଲା । ଯାଞ୍ଚ ପ୍ରକ୍ରିୟା ୭,୬୬,୯୫୪ ପ୍ଲଟରେ ଧାନ ଚାଷ ହୋଇଥିବା ନେଇ ଚିହ୍ନଟ କରିଥିଲା, ଯେତେବେଳେ ୫,୫୭,୦୩୨ ପ୍ଲଟ୍ ସର୍ଭେ କରାଯାଇ ନଥିଲା କିମ୍ବା ଅସଙ୍ଗତ ଥିଲା, ଯାହା ପରବର୍ତ୍ତୀ ସମୟରେ ଅଧିକ ଯାଞ୍ଚ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ

## ଖାଦ୍ୟ ସୁରକ୍ଷା ସୁନିଶ୍ଚିତତା ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ଐତିହାସିକ ସଂକଳ୍ପ

## ଯୋଜନା ସମ୍ପର୍କରେ

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ଜନକଲ୍ୟାଣକାରୀ ଖାଦ୍ୟ ସୁରକ୍ଷା ଯୋଜନା । ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ମାଗଣା ୫ କିଲୋଗ୍ରାମ ଚାଉଳ ବ୍ୟତୀତ ପ୍ରତି ହିତାଧିକାରୀଙ୍କ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ଫଳରେ ବର୍ତ୍ତମାନ ପ୍ରତ୍ୟେକ ହିତାଧିକାରୀ ମାସିକ ମୋଟ ୧୦ କିଲୋଗ୍ରାମ ଲେଖାଏଁ ଚାଉଳ ବିନା ମୂଲ୍ୟରେ ପାଇପାରୁଛନ୍ତି ।

ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ରାଜ୍ୟର ପ୍ରତ୍ୟେକ ପରିବାରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବାର ଏକ ସମ୍ବେଦନଶୀଳ ସାମାଜିକ ଅଙ୍ଗୀକାରବଦ୍ଧତା ।

### ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଖାଦ୍ୟ ସୁରକ୍ଷା ଦ୍ୱାରା ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା । ରାଜ୍ୟର ପ୍ରତ୍ୟେକ ପରିବାର ଯେପରି ଖାଦ୍ୟ ସମ୍ପନ୍ନ ହୋଇପାରିବେ,ତାହା ନିଶ୍ଚିତ କରିବାକୁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି । ଏହା କେବଳ ଯେ ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ ତାହା ନୁହେଁ ବିଶେଷ କରି ଶିଶୁ, ମହିଳା ଓ ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ଆବଶ୍ୟକୀୟ ଖାଦ୍ୟ ଯୋଗାଇ ଅପପୁଷ୍ଟିର ନିରାକରଣରେ ମଧ୍ୟ ସହାୟକ ହେବ। ଏଥିସହିତ ବୟୋବୃଦ୍ଧ ନାଗରିକମାନେ ଯେପରି ସୁବିଧାରେ ଖାଦ୍ୟାଭାବ ଜନିତ ଆଶଙ୍କାରୁ ଆଶ୍ୱସ୍ତ ହେବେ, ସେଥିପାଇଁ ସାମାଜିକ ସୁରକ୍ଷା ବଳୟକୁ ସୁଦୃଢ଼ କରିବା ମଧ୍ୟ ଏହି ଯୋଜନାର ଲକ୍ଷ୍ୟ ଅନ୍ତର୍ଗତ ।



### ଯୋଜନାର ଶୁଭାରମ୍ଭ

ସମାଜର ଶେଷ ଧାଡ଼ିରେ ଥିବା ସବୁଠାରୁ ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକଙ୍କ ନିକଟରେ ବିକାଶ ଓ ସାମାଜିକ ସୁରକ୍ଷାର ସୁଫଳ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୧୨ ଜୁନ୍ ୨୦୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଓଡ଼ିଶାରେ ଲୋକଙ୍କ ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ଏହି ବୃହତ ଜନକଲ୍ୟାଣକାରୀ ଯୋଜନା ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଗରିବ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ଯୋଜନାରେ ବାର୍ଷିକ ବ୍ୟୟ ହେବାକୁ ଥିବା ୮,୮୧୩ କୋଟି ଟଙ୍କା ସରକାରଙ୍କ ପାଇଁ କୌଣସି ସାଧାରଣ ଖର୍ଚ୍ଚ ନୁହେଁ, ବରଂ ଏହା ଏକ "ପବିତ୍ର ସାମାଜିକ ନିବେଶ" ।







**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା**

# ବିଭାଗୀୟ ମନ୍ତ୍ରୀଙ୍କ ବିଭିନ୍ନ ଜିଲ୍ଲା ପରିଦର୍ଶନ ଓ ସମୀକ୍ଷା



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜୁଲାଇ ମାସରେ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଥିଲେ । ବିଭାଗୀୟ ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା ସହ ଠିକ ସମୟରେ ଚାଉଳ ପାଉଛନ୍ତି ନା ନାହିଁ ପଚାରି ବୁଝିଥିଲେ । ସେହିପରି ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମେତ ଖାଦ୍ୟ ସୁରକ୍ଷା ଓ ଜନକଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଯୋଜନା ଗୁଡ଼ିକର ସଫଳ ରୂପାୟନ, ହିତାଧିକାରୀଙ୍କୁ ସମୟୋପଯୋଗୀ ସେବା ପ୍ରଦାନ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା ।






# ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସାରା ରାଜ୍ୟରେ ରନ୍ଧନ ଗ୍ୟାସକୁ କଳାବଜାର କରୁଥିବା ଓ ବେଆଇନ ଭାବେ ଠୁଳ କରି ରଖିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ଜୁଲାଇ ମାସରେ ମଧ କଳାବଜାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଜୁଲାଇ ମାସ ପର୍ଯ୍ୟନ୍ତ ୮୨୦୮ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିଲା । ସେହିପରି ୪୬ ଜଣଙ୍କୁ ଗିରଫ କରାଯାଇଥିଲା ।




# ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା (VLTS)

## CCEC ଠାରେ ଏକୀକୃତ ଡ୍ୟାସବୋର୍ଡ ମାଧ୍ୟମରେ GPS ଆଧାରିତ ଯାନ ଟ୍ରାକିଂ ପ୍ରଣାଳୀର ନିରୀକ୍ଷଣ





ସ୍ୱଚ୍ଛ, ସୁରକ୍ଷିତ ଓ ଦକ୍ଷ ପରିବହନର ସ୍ମାର୍ଟ ପଦକ୍ଷେପ ଭାବେ ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା (VLTS) କୁ ଆପଣାଇଛି ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ।


ଡିପୋରୁ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ ଯାନବାହନର ଅବସ୍ଥାନ ଉପରେ ନିରନ୍ତର ନଜର ସହ ମାର୍ଗ ପରିବର୍ତ୍ତନ, ଅସ୍ୱାଭାବିକ ବିଳମ୍ବ କିମ୍ବା ଦୀର୍ଘ ସମୟ ଅଟକି ରହିବା ଭଳି ଘଟଣାକୁ ତୁରନ୍ତ ଚିହ୍ନଟ କରି ଚୋରି ଓ ଅନିୟମିତତାକୁ ରୋକିବାରେ ବେଶ ସହାୟକ ହୋଇପାରିଛି। ସ୍ମାର୍ଟ ପରିଚାଳନା ସହ ଉତ୍ତମ ମାର୍ଗ ଚୟନ, ଅଧିକ କାର୍ଯ୍ୟକୁଶଳତା ଏବଂ ସୁଦୃଢ଼ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି ।




**GPS ଆଧାରିତ ଯାନ ଟ୍ରାକିଂ ନିମନ୍ତେ ମୋବାଇଲ୍ ଆପ୍ଲିକେସନ୍**




ତଥ୍ୟ ମୁତାବକ ଚଳିତ ମାସ (ଜୁଲାଇ)ରେ ଧାନ ମିଲରୁ ଡିପୋକୁ ଚାଉଳ ପରିବହନ ପାଇଁ ସମୁଦାୟ ୧୬୬୭୯ଟି ଚାଲାଣ ଜାରି କରାଯାଇଥିଲା । ଏଥିପାଇଁ ୧୫ ହଜାର ୩୨୦ଟି ଗାଡି ବ୍ୟବହୃତ ହୋଇଥିବାବେଳେ ୪୭୫୬ଟି ଗାଡ଼ିରେ ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା (VLTS) ବ୍ୟବସ୍ଥା ଲାଗୁ କରାଯାଇଥିଲା ।

## ୧୯୬୭-ହେଲ୍ପଲାଇନ ନମ୍ବର: ଜନସାଧାରଣଙ୍କ ପାଇଁ ସବୁ ସମୟରେ ସଜାଗ

ରବି ଧାନ ବିକ୍ରି ସମେତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମେତ ବିଭାଗ ସମ୍ବନ୍ଧୀୟ ଅନ୍ୟ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସଦାସର୍ବଦା ପ୍ରସ୍ତୁତ ହୋଇ ରହିଛି '୧୯୬୭' ହେଲ୍ପଲାଇନ ନମ୍ବର । ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କଲ୍ ସେଣ୍ଟର ଚାଲୁଥିବାବେଳେ ରାଜ୍ୟବାସୀଙ୍କ ପ୍ରଶ୍ନ ଉତ୍ତର ସହ ବିଭିନ୍ନ ସମସ୍ୟାର ସମାଧାନ କିଭଳି କରାଯାଇପାରିବ, ଅଧିକାରୀଙ୍କୁ କିଭଳି ସମସ୍ୟା ବାବଦରେ ଅବଗତ କରାଯିବ, ସେହି କାର୍ଯ୍ୟକୁ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଦ୍ୱାରା କରାଯାଏ ।

### ୧୯୬୭ ହେଲ୍ପଲାଇନ

| | |
|---|---|
| ସମୁଦାୟ କଲ | ୮୮୪୯ |
| ଫୋନ କଲ ଗ୍ରହଣ କରାଯାଇଥିଲା | ୮୭୩୧ |
| ଫୋନ କଲ ସମ୍ଭବ ହୋଇପାରିନଥିବା | ୧୧୮ |
| ବିଭାଗ ପକ୍ଷରୁ କଲ କରାଯାଇଥିଲା | ୨ ଲକ୍ଷ ୪୫ ହଜାର ୫୦ ଜଣ |
| ଫୋନ କଲ ଯୋଗାଯୋଗ ସମ୍ଭବ | ୮୫ ହଜାର |
| ଫୋନ କଲ ଯୋଗାଯୋଗ ହୋଇନଥିବା | ୧୬,୦୦,୫୦ |

ଚଳିତ ଜୁଲାଇ ମାସରେ ୧୯୬୭ ହେଲ୍ପଲାଇନକୁ ସମୁଦାୟ ୮୮୪୯ଟି କଲ ଆସିଥିବାବେଳେ ୮୭୩୧ଟି ଫୋନ କଲକୁ ଗ୍ରହଣ କରାଯାଇଥିଲା । ସେହିପରି ୧୧୮ଟି ଫୋନ କଲ ସମ୍ଭବ ହୋଇପାରିନଥିବାବେଳେ ୨ ଲକ୍ଷ ୪୫ ହଜାର ୫୦ ଜଣଙ୍କୁ ବିଭାଗ ପକ୍ଷରୁ କଲ କରାଯାଇଥିଲା । ଏଥିମଧ୍ୟରୁ ୮୫ ହଜାର ଫୋନ କଲ ଯୋଗାଯୋଗ ସମ୍ଭବ ହୋଇଥିବାବେଳେ ୧୬୦୦୫୦ ଟି ଫୋନ କଲ କେହି ଉଠାଇନଥିଲେ ବା ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

**୧୯୬୭ ହେଲ୍ପଲାଇନ**

# ଜୁଲାଇ ମାସରେ ଉଠାଣ ଚାଉଳର ପରିମାଣ

ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀମାନଙ୍କ ଭିନ୍ନ ଭିନ୍ନ ଯୋଜନାରେ ଚାଉଳ ବଣ୍ଟନ କରାଯାଉଛି । ରାଜ୍ୟରେ ଲିକେଜ୍-ମୁକ୍ତ ପିଡ଼ିଏସ ବ୍ୟବସ୍ଥାକୁ ଆପଣା ଯାଇଥିବାବେଳେ ଜୁଲାଇ ମାସରେ କେତେ ଚାଉଳ ଉଠାଣ କରାଯାଇଥିଲା ତାହାର ବିବରଣୀ ଦିଆଯାଇଛି ।




**ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ**

- **୦୧** — **୯୭,୯୭,୫୭୨ ପରିବାରର** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (SFSS) ଅଧୀନରେ
- **୦୨** — **୧୨,୩୮,୩୨୧ ପରିବାର** ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ଅଧୀନରେ
- **୦୩** — **୮୫,୫୯,୨୫୧ ପରିବାରର** ଅଗ୍ରାଧିକାର ପରିବାର (Priority Household) ଅଧୀନରେ
- **୦୪** — **୮୯,୯୭,୫୬୮ କୁଇଣ୍ଟାଲ ଚାଉଳ** ଚାଉଳ ଅଗ୍ରାଧିକାର ପରିବାର (PHH)
- **୦୫** — **୩,୨୪,୬୨୯ କୁଇଣ୍ଟାଲ ଚାଉଳ** ଅନ୍ତ୍ୟୋର୍ଦୟ ଅନ୍ନ ଯୋଜନା (AAY) ପାଇଁ
- **୦୬** — **୩୩,୩୩୪ କୁଇଣ୍ଟାଲ ଚାଉଳ** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS)
- **୦୭** — **୨,୮୮,୫୪,୦୫୦ ଜଣ** ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି
- **୦୮** — **୩୪,୩୫,୬୪୨ ଜଣ** ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି
- **୦୯** — **୩,୨୨,୮୯,୬୯୨ ଜଣ** ସଦସ୍ୟ/ସଦସ୍ୟା ଅନ୍ତର୍ଭୁକ୍ତ ହୋଇଛନ୍ତି

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭,୯୭,୫୭୨ ପରିବାରର ୩,୨୨,୮୯,୬୯୨ଜଣ ସଦସ୍ୟ/ସଦସ୍ୟା ଅନ୍ତର୍ଭୁକ୍ତ ହୋଇଛନ୍ତି । ଏଥିମଧ୍ୟରୁ ଅନ୍ତ୍ୟୋର୍ଦୟ ଅନ୍ନ ଯୋଜନା (AAY) ଅଧୀନରେ ୧୨,୩୮,୩୨୧ ପରିବାରର ୩୪,୩୫,୬୪୨ ଜଣ ହିତାଧିକାରୀ ଓ ଅଗ୍ରାଧିକାର ପରିବାର (Priority Household) ହିସାବରେ ୮୫,୫୯,୨୫୧ ପରିବାରର ୨,୮୮,୫୪,୦୫୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି । ଅଗ୍ରାଧିକାର ପରିବାର (PHH) ପାଇଁ ୮,୯୯,୭୫୬ କୁଇଣ୍ଟାଲ ଚାଉଳ, ଅନ୍ତ୍ୟୋର୍ଦୟ ଅନ୍ନ ଯୋଜନା (AAY) ପାଇଁ ୩,୨୪,୬୨୯ କୁଇଣ୍ଟାଲ ଚାଉଳ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ପାଇଁ ୩୩,୩୩୪ କୁଇଣ୍ଟାଲ ଚାଉଳ, ଉଠାଣ କରାଯାଇଛି ।

# ଜୁଲାଇ ମାସରେ ଉଠାଣ ଚାଉଳର ପରିମାଣ



**ଅଗ୍ରାଧିକାର ପରିବାର (PHH) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ**
**୧୬,୪୪,୨୬୬.୧୬୮ କୁଇଣ୍ଟାଲ**

**ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ**
**୨,୧୩,୬୨୭.୧୪୪୬ କୁଇଣ୍ଟାଲ**

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(SFSS) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)ପାଇଁ**
**୪୬,୧୨୪ କୁଇଣ୍ଟାଲ ଚାଉଳ**

## ଅନ୍ତ୍ୟୋଦୟ ଅନ୍ନ ଯୋଜନା (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)

ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୨,୧୩,୬୨୭.୧୪୪୬ କୁଇଣ୍ଟାଲ, ଅଗ୍ରାଧିକାର ପରିବାର (PHH) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୧୬,୪୪,୨୬୬.୧୬୮କୁଇଣ୍ଟାଲ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୪୬,୧୨୪ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି ।

କଲ୍ୟାଣକାରୀ ଅନୁଷ୍ଠାନ ଏବଂ ଛାତ୍ରାବାସ ଯୋଜନା ପାଇଁ ୮୭୨୨୮ କୁଇଣ୍ଟାଲ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା (PM-POSHAN) ପ୍ରାଥମିକ ବିଦ୍ୟାଳୟ ପାଇଁ ୫୭୪୩୪ କୁଇଣ୍ଟାଲ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା (ଉଚ୍ଚ ପ୍ରାଥମିକ ବିଦ୍ୟାଳୟ) ପାଇଁ ୩୧୯୧୨ କୁଇଣ୍ଟାଲ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା (MMPY) ପାଇଁ ୭୧୭୯୨ କୁଇଣ୍ଟାଲ, ଗହମ ଭିତ୍ତିକ ପୁଷ୍ଟି ସାଧନ କାର୍ଯ୍ୟକ୍ରମ (WBNP) ପାଇଁ ୩୭୪୧ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି ।

# ଖାଉଟିଙ୍କ କଲ୍ୟାଣ ପାଇଁ ସଦା ସମର୍ପିତ





ସମାଜ

ଓଜନ ମାପ ବିଭାଗ ଓ ଯୋଗାଣ ବିଭାଗର ମିଳିତ ଚଢ଼ଉ
୧୭ ହଜାର ଜୋରିମାନା ଆଦାୟ

ମରକୋଟ, ୨୯ ।୫(ଆ.ପ୍ର): ମରକୋଟ ସହରରେ ଆଜି ସ୍ଥାନୀୟ ଜନ ଓ ମାପ ବୈଧ କାର୍ଯ୍ୟାଳୟ ଏବଂ ଯାଗାଣ ବିଭାଗ ପକ୍ଷରୁ ଏକ ମିଳିତ ଢ଼ଉ କରାଯାଇଥିଲା । ସହରର ମାଛ ଜାରରେ ଦୀର୍ଘଦିନ ଧରି କିଛି ବ୍ୟବସାୟ ସରକାରୀ ନିୟମ ଅନୁସାରେ ଜନ ମାପ ଯନ୍ତ୍ରର ଯାଞ୍ଚ ଓ ନଃମାନ୍ୟତା କରାଇ ନଥିବା ସହ ବିଧ କାଗଜପତ୍ର ଦେଖାଇ ରିନଥିଲେ । ଯାଞ୍ଚ ସମୟରେ ବହୁ ଦୋକାନରେ ବ୍ୟବହୃତ ଓଜନ ଯନ୍ତ୍ରର ରକାରୀ ସିଲ୍ ଓ ମାନ ପ୍ରମାଣପତ୍ର

ଗୁରୁତର ଅନିୟମିତତା ଭା ଧରାଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କଠା ଜୋରିମାନା ଆଦାୟ କରାଯାଇଥିଲା କେତେକଙ୍କୁ ସରକାରୀ ନୋଟିସ ଜ କରାଯାଇଥିଲା । ବିଭାଗୀୟ ସୂଚ ଅନୁଯାୟୀ, ଏହି ଅଭିଯାନରେ ମୋ ୩୭ଟି ଦୋକାନ ଯାଞ୍ଚ କରାଯାଇଥିଲ ସେଥିରୁ ୧୬ଟି ଦୋକାନରୁ ମୋ ୧୭ ହଜାର ୨୦୦ ଟଙ୍କା ଜୋରିମା ଆଦାୟ କରାଯାଇଥିଲା । ଏହି ଚଢ଼ ଅଭିଯାନରେ ଉମରକୋଟ ଓଜନ ମାପ ନିରୀକ୍ଷକ ପ୍ରୟାଗ ରଞ୍ଜନ ସାମ ଯୋଗାଣ ବିଭାଗ ନିରୀକ୍ଷକ ସୁନ

ଓଜନ ଏବଂ ମାପର ମାନଦଣ୍ଡ (ପ୍ରବର୍ତ୍ତନ) ଆଇନ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀର କାର୍ଯ୍ୟାନ୍ୱୟନ ସଫଳତାର ସହ କରାଯାଉଛି । ଗ୍ରାହକ ସଚେତନତା ଏବଂ ଖାଉଟିମାନଙ୍କର ଅଧିକାରର ସୁରକ୍ଷା ପାଇଁ ଅଭିଯାନ ଜାରି ରହିଥିବାବେଳେ ଓଡ଼ିଶା ଇ-ଜାଗୃତି ପୋର୍ଟାଲ୍ ମାଧ୍ୟମରେ ଏକ ଅନଲାଇନ୍ ଅଭିଯୋଗ ଦାଖଲ ସୁବିଧା ପ୍ରଦାନ କରୁଛି । ଏହା ମାଧ୍ୟମରେ ରାଜ୍ୟ କମିଶନ ଏବଂ ୩୧ଟି ଜିଲ୍ଲା ଗ୍ରାହକ ବିବାଦ ସମାଧାନ କମିଶନକୁ ଅନ୍ତର୍ଭୁକ୍ତ କରି ଖାଉଟିମାନଙ୍କର ସମସ୍ୟାର ସମାଧାନ କରାଯାଉଛି ।





ବୈଧ ମାପବିଜ୍ଞାନ ନିର୍ଦ୍ଦେଶାଳୟ ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସଠିକ୍ ଓଜନ, ମାପ ଓ ସ୍ୱଚ୍ଛତା ନିଶ୍ଚିତ କରି ଖାଉଟିମାନଙ୍କ ସ୍ୱାର୍ଥ ରକ୍ଷା କରିଥାଏ । ଏହି ନିର୍ଦ୍ଦେଶାଳୟ ବ୍ୟବସାୟିକ ପ୍ରତିଷ୍ଠାନ, ମାପକ ଯନ୍ତ୍ର ଓ ପେଟ୍ରୋଲ ପମ୍ପଗୁଡ଼ିକର ନିୟମିତ ଯାଞ୍ଚ କରିବା ସହ ବଜାରରେ ବିକ୍ରି ହେଉଥିବା ପ୍ୟାକେଟ୍ ସାମଗ୍ରୀରେ ସର୍ବାଧିକ ବିକ୍ରି ମୂଲ୍ୟ (MRP), ନେଟ୍ ଓଜନ ଓ ନିର୍ମାତାଙ୍କ ତଥ୍ୟ ସଠିକ୍ ରହିଛି କି ନାହିଁ ତାହା ତଦାରଖ କରିଥାଏ ।

# ଷ୍ଟାଫ କର୍ଣ୍ଣର




ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମରେ ଦୀର୍ଘଦିନର ସେବା ପରେ ଏହି କର୍ମଚାରୀମାନେ ଶେଷରେ ଅବସର ନେଇଛନ୍ତି । ଏହି କର୍ମଚାରୀମାନଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସେବା ମନୋବୃତ୍ତି ଯୋଗୁଁ ଆମେ ସେମାନଙ୍କୁ କୃତଜ୍ଞତା ଜଣାଉଛୁ ।


















**ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ**
ସି/୨, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା
୭୫୧୦୧୨,(୯୧+୬୭୪) ୨୩୯୫୩୯୧, ୨୩୯୫୩୯୨